ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/RD/(Od)/571/18-10-2025**

# ଓର୍‌ମାସ୍‌ର ସ୍ୱତନ୍ତ୍ର ଦୀପାବଳି ଷ୍ଟଲ୍‌: ପରମ୍ପରା ଓ ହସ୍ତଶିଳ୍ପର ଅପୂର୍ବ ସମ୍ମିଶ୍ରଣ

- ମାଟି ଦୀପ, ଟେରାକୋଟା ମୂର୍ତ୍ତି, ରାଗିଲଡୁ ଆଦିର ସମ୍ଭାର
- ଅକ୍ଟୋବର ୨୧ ଯାଏଁ ସକାଳ ୧୦ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଖୋଲା ରହିବ

ଭୁବନେଶ୍ୱର,୧୮/୧୦/୨୦୨୫:

ଦୀପାବଳି ଉପଲକ୍ଷେ ଓଡ଼ିଶା ଗ୍ରାମୀଣ ବିକାଶ ଓ ବିପଣନ ସଂସ୍ଥା (ଓର୍‌ମାସ୍‌) ପକ୍ଷରୁ ଭୁବନେଶ୍ୱର ୟୁନିଟ୍ ୮ ସ୍ଥିତ ଏସ୍‌ଆଇଆର୍‌ଡି କ୍ୟାମ୍ପସ୍ ସମ୍ମୁଖରେ ଏକ ସ୍ୱତନ୍ତ୍ର ଷ୍ଟଲ ଖୋଲାଯାଇଛି । ଓର୍‌ମାସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ମୋନିକା ପ୍ରିୟଦର୍ଶିନୀ ଏହି ଷ୍ଟଲକୁ ଉଦ୍‌ଘାଟନ କରି ଭୁବନେଶ୍ୱରବାସୀ ଏହି ଷ୍ଟଲ ଜରିଆରେ ଗ୍ରାମାଞ୍ଚଳର ହସ୍ତଶିଳ୍ପୀ ଓ କାରିଗରୀମାନଙ୍କ ହସ୍ତନିର୍ମିତ ଉତ୍ପାଦକୁ ସିଧାସଳଖ ହାତପଆନ୍ତାରେ ପାଇପାରିବେ ବୋଲି ଆଶା ପ୍ରକାଶ କରିଥିଲେ । ଓର୍‌ମାସ୍‌ର ଏହି ପ୍ରୟାସ ଗ୍ରାମୀଣ ଉତ୍ପାଦକମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବା ସହ ସେମାନଙ୍କୁ ଆତ୍ମନିର୍ଭର କରୁଛି ବୋଲି ସେ ଉଲ୍ଲେଖ କରିଥିଲେ । ଏହି ଅବସରରେ ଡା. ପ୍ରିୟଦର୍ଶିନୀ ବିଭିନ୍ନ ଜିଲ୍ଲାରୁ ଆସିଥିବା ଉତ୍ପାଦକ ଗୋଷ୍ଠୀର ସଦସ୍ୟମାନଙ୍କ ସହ ଭାବବିନିମୟ କରିବା ସହ ସେମାନଙ୍କୁ ଏପରି ଉତ୍ପାଦ ପ୍ରସ୍ତୁତ କରିବାକୁ ପ୍ରୋତ୍ସାହନ ଦେଇଥିଲେ ।

ଏହି ଷ୍ଟଲଟି ଅକ୍ଟୋବର ୨୧ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ସକାଳ ୧୦ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ନିମନ୍ତେ ଖୋଲା ରହିବ । ଇଚ୍ଛୁକ ଜନସାଧାରଣ ଏଠାରେ ଗ୍ରାମୀଣ ସାମାଜିକ ସଂସ୍ଥାଗୁଡ଼ିକର ସଦସ୍ୟମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ହସ୍ତନିର୍ମିତ ଉତ୍ପାଦ କିଣିପାରିବେ । ଚଳିତ ବର୍ଷ ଏହି ଷ୍ଟଲରେ ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, ବୌଦ୍ଧ ଓ ସୋନପୁର ଜିଲ୍ଲାର ଉତ୍ପାଦକ ଗୋଷ୍ଠୀମାନେ ନିଜର ଉତ୍ପାଦ ବିକ୍ରି କରୁଛନ୍ତି । ଏଠାରେ ଗ୍ରାମୀଣ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ମାଟି ଦୀପ, ଟେରାକୋଟା ମୂର୍ତ୍ତି, ରାଗିଲଡୁ, ନଡ଼ିଆତେଲ, ଝାଡୁ, ସୁସ୍ୱାଦୁ ଖାଦ୍ୟ ସାମଗ୍ରୀ, ହସ୍ତଶିଳ୍ପ ଓ ହସ୍ତତନ୍ତ ଉତ୍ପାଦ ବିକ୍ରିୟ ହେଉଛି । ଏହା ସହିତ ଗଞ୍ଜାମ ଜିଲ୍ଲାର ଉତ୍ପାଦକ ଗୋଷ୍ଠୀ ସଦସ୍ୟାଙ୍କ ଦ୍ୱାରା ପ୍ରସ୍ତୁତ ଚକୋଲେଟ୍ ଗିଫ୍ଟହାମ୍ପର ଓ ପିକଲ୍ ଗିଫ୍ଟହାମ୍ପର ଭଳି ଦୁଇପ୍ରକାର ଗିଫ୍ଟହାମ୍ପର (ଉପହାର ) ଗ୍ରାହକମାନଙ୍କର ମୁଖ୍ୟ ଆକର୍ଷର ପାଲଟିଛି ।

ସୂଚନାଯୋଗ୍ୟ ଯେ ଗ୍ରାମୀଣ କାରିଗର ଓ ଉତ୍ପାଦକମାନଙ୍କ ପାଇଁ ବଜାର ସୃଷ୍ଟି କରିବା ଉଦ୍ଦେଶ୍ୟରେ ଓର୍‌ମାସ୍ ପକ୍ଷରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି । ଏହା ଦ୍ୱାରା ରାଜ୍ୟର ଗ୍ରାମୀଣ ଓ କୁଟୀର ଶିଳ୍ପର ଆଦୃତି ବୃଦ୍ଧି ପାଇବା ସହ ଆମର ଗ୍ରାମୀଣ ଅର୍ଥନୀତି ସୁଦୃଢ଼ ହୋଇପାରିବ ।

ବିନାୟକ ମିଶ୍ର
ଲୋକସମ୍ପର୍କ ଅଧିକାରୀ
ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ